
ସତ୍ୟର ସ୍ୱର
ନିର୍ଭୟ
DAILY EDITION
satya ra swara nirbhay

ଶୁକ୍ରବାର, ୨୧ ଜୁନ୍ ୨୦୧୯

# ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ୍ ଆକାଉଣ୍ଟାଣ୍ଟ୍ସ ଅଫ୍ ଇଣ୍ଡିଆ ଓରାଲ କୋଚିଂର ଉଦ୍‌ଘାଟନ ସମାରୋହ

**ନିର୍ଭୟ ମିଡିଆ**
**ଭୁବନେଶ୍ୱର**




ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ୍ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ) - ଭୁବନେଶ୍ୱର ଚାପ୍ଟରର ୬୨ ତମ ଓରାଲ କୋଚିଂ ଉଦ୍‌ଘାଟନ ଉତ୍ସବ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ୨୦୦ ରୁ ଉର୍ଦ୍ଧ୍ୱ ନୂତନ ପଞ୍ଜିକୃତ ଛାତ୍ରଛାତ୍ରୀ ତଥା ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ । ଉକ୍ତ ଉତ୍ସବରେ ସିଏମ୍‌ଏ ପ୍ରଭାକର ମହାନ୍ତି, ନିର୍ଦ୍ଦେଶକ (ଅର୍ଥ), ଓଏଚ୍‌ପିସି ଓ ଓପିଜିସି ତଥା ପୂର୍ବତନ ସଭାପତି, ଆଇସିଏଆଇ ମୁଖ୍ୟ ଅତିଥି ଓ ସିଏମ୍‌ଏ ଶିବପ୍ରସାଦ ପାଢ଼ୀ, ସଦସ୍ୟ, ପୂର୍ବାଞ୍ଚଳ ଆଞ୍ଚଳିକ ପରିଷଦ ତଥା ପୂର୍ବତନ ଅଧ୍ୟକ୍ଷ, ପୂର୍ବାଞ୍ଚଳ ଆଞ୍ଚଳିକ ପରିଷଦ, ଆଇସିଏଆଇ ଯୋଗଦାନ କରି ଏହାର ଶୁଭ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ବହୁ ମୂଲ୍ୟ ଉପଦେଶମାନ ଦେଇଥିଲେ । ସମସ୍ତ ନୂତନ ପଞ୍ଜିକୃତ ସିଏମ୍‌ଏ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ସିଏମ୍‌ଏ ଶକ୍ତିଧର ସିଂହ ସାଗତ ଭାଷଣ ଦେବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକଳାପ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଦେଇଥିଲେ । ଉକ୍ତ ଚାପ୍ଟରର କୋଚିଂ କମିଟି ଅଧ୍ୟକ୍ଷ ସିଏମ୍‌ଏ ଶାନ୍ତନୁ କୁମାର ରାଉତ ସମାରୋହଟିକୁ ସମ୍ପାଦନା କରିଥିବାବେଳେ ଚାପ୍ଟରର ସମ୍ପାଦକ ସିଏମ୍‌ଏ ହିମୋଜ ମିଶ୍ର ଧନ୍ୟବାଦ ଭାଷଣ ଅର୍ପଣ କରିଥିଲେ । ଉକ୍ତ ଉତ୍ସବରେ ଭୁବନେଶ୍ୱର ଚାପ୍ଟରର ପରିଚାଳନା କମିଟିର ସଦସ୍ୟ ତଥା ଶିକ୍ଷକ/ଶିକ୍ଷୟିତ୍ରୀମାନେ ମଧ୍ୟ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

Scanned by CamScanner